# NATIONAL NEWS BULLETIN (ODIA)

## 28 September 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆଜିଠାରୁ ପ୍ରସ୍ତାବିତ ୩ ଦିନିଆ ଧର୍ମଘଟ ସ୍ଥଗିତ
- ନୂଆଦିଲ୍ଲୀରେ ଆଜି ରବି ଅଭିଯାନ ସଂପର୍କିତ ୨ ଦିନିଆ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ କେନ୍ଦ୍ର କୃଷିମନ୍ତ୍ରୀ
- ପାକିସ୍ତାନର ଆତଙ୍କବାଦୀ ଆବାସସ୍ଥଳୀ ଉପରେ ଭାରତର ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ଆଜି ୧୦ବର୍ଷ ପୂର୍ତ୍ତି

ଏବଂ

- ଆନ୍ତର୍ଜାତିକ ଦିନିକିଆ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ୮ ୱିକେଟ୍‌ରେ ପରାସ୍ତ କଲା ଭାରତ

## ବ୍ୟାଙ୍କ ଷ୍ଟ୍ରାଇକ୍ ଡିଫର୍ଡ

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆଜିଠାରୁ ପ୍ରସ୍ତାବିତ ୩ ଦିନିଆ ଧର୍ମଘଟକୁ ସ୍ଥଗିତ ରଖାଯାଇଛି । ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି । ଭାରତୀୟ ବ୍ୟାଙ୍କ ସଂଘ ସହ ବୁଝାମଣା ପରେ

ଧର୍ମଘଟ ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ ସୂଚନା ଦେଇଛି, ଗତକାଲି ଭାରତୀୟ ବ୍ୟାଙ୍କ ସଂଘ ଏବଂ ବ୍ୟାଙ୍କସଂଘ ମିଳିତ ମଞ୍ଚ ମଧ୍ୟରେ ଆଲୋଚନା ହେବା ପରେ ଧର୍ମଘଟକୁ ସ୍ଥଗିତ ରଖିବା ଲାଗି ସୂଚନା ଜାରି କରାଯାଇଥିଲା ।

## ଶିବରାଜ-ରବି କ୍ୟାମ୍ପେନ୍

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ନୂଆଦିଲ୍ଲୀରେ ରବି ଅଭିଯାନ ୨୦୨୬ ଶୀର୍ଷକ ୨ ଦିନିଆ ଜାତୀୟ ସମ୍ମିଳନୀର ଉଦ୍‌ଘାଟନ କରିବେ । କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଏହି ସମ୍ମିଳନୀରେ ଆଗାମୀ ରବିଋତୁ ପାଇଁ ପ୍ରସ୍ତୁତି ଓ ବିଭିନ୍ନ ପ୍ରସଙ୍ଗ ନେଇ ବିସ୍ତୃତ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଆଲୋଚନାରେ କୃଷିକ୍ଷେତ୍ରର ଉତ୍ପାଦନ, ଉତ୍ପାଦକତା ଏବଂ କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ କେନ୍ଦ୍ର-ରାଜ୍ୟ ସମନ୍ୱୟ ଦୃଢ଼ କରିବା ବିଷୟ ମଧ୍ୟ ଆଲୋଚନାରେ ସ୍ଥାନ ପାଇବ । ଆଜି ପ୍ରଥମ ଦିନରେ ୩ଟି ଅଧିବେଶନରେ ଆତ୍ମନିର୍ଭର ଭାରତ, ଉତ୍ପାଦନ ବୃଦ୍ଧି, ଜଳବାୟୁ ସହନଶୀଳ ଏବଂ ଡିଜିଟାଲ କୃଷି, ଭିତ୍ତିଭୂମି ତଥା ଆର୍ଥିକ ଏବଂ ବିପଦ ପରିଚାଳନା ଭଳି ବିଷୟ ଉପରେ ମତ ଉପସ୍ଥାପନ କରାଯିବ । ସମ୍ମିଳନୀରେ ରାଜ୍ୟ କୃଷିମନ୍ତ୍ରୀମାନେ ସେମାନଙ୍କ ରାଜ୍ୟର ପ୍ରସ୍ତୁତି ନେଇ ତଥ୍ୟ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି ।

# ସର୍ଜିକାଲ୍ ଷ୍ଟ୍ରାଇକ୍-ଆନିଭର୍ସାରୀ

ଭାରତ ଆଜି ସର୍ଜିକାଲ୍ ଷ୍ଟ୍ରାଇକ୍‌ର ୧୦ବର୍ଷ ପୂର୍ତ୍ତି ପାଳନ କରୁଛି । ୨୦୧୬ ମସିହା ସେପ୍ଟେମ୍ବର ୨୮ ଏବଂ ୨୯ ରାତିରେ ଭାରତୀୟ ସେନା ନିୟନ୍ତ୍ରଣରେଖା ଅତିକ୍ରମ କରି ଭାରତ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଥିଲା । ସେହିବର୍ଷ ସେପ୍ଟେମ୍ବର ୧୮ରେ ଉରୀରେ ଆତଙ୍କବାଦୀ ଆକ୍ରମଣରେ ୧୮ ଜଣ ଭାରତୀୟ ଯବାନ ଶହୀଦ ହୋଇଥିଲେ । ଭାରତୀୟ ସେନାର ଆତଙ୍କବାଦ ବିରୁଦ୍ଧରେ ଦୃଢ଼ ପଦକ୍ଷେପର ସମର୍ଥନ ସ୍ୱରୂପ ୨୦୧୯ ବାଲାକୋଟ୍ ଏବଂ ୨୦୨୫ରେ ଅପରେସନ ସିନ୍ଦୂର ଅଧୀନରେ ପାକିସ୍ତାନ ଉପରେ ଆକ୍ରମଣ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ମନ୍‌କି ବାତ୍‌ରେ ୨୦୧୬ ସର୍ଜିକାଲ ଷ୍ଟ୍ରାଇକ୍‌କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, ଗତ ଏକଦଶନ୍ଧି ମଧ୍ୟରେ ଆତଙ୍କବାଦର ମୁକାବିଲା ଲାଗି ଭାରତ ଅନେକ ପଦକ୍ଷେପ ଗ୍ରହଣ କରିଛି । ଶ୍ରୀ ମୋଦୀ କହିଛନ୍ତି, ସର୍ଜିକାଲ ଷ୍ଟ୍ରାଇକ୍‌ର ବହୁସମୟ ପରେ ଭାରତ ଆତଙ୍କବାଦର ଉଚିତ ଜବାବ ଦେବାରେ ସକ୍ଷମ ହୋଇଥିଲା । ୨୦୦୮ରେ ଦିଲ୍ଲୀରେ ହୋଇଥିବା ବୋମା ବିସ୍ଫୋରଣ ଏବଂ ୨୬/୧୧ ଆତଙ୍କବାଦୀ ଆକ୍ରମଣକୁ ସ୍ମରଣ କରି ଶ୍ରୀ ମୋଦୀ କହିଛନ୍ତି, ଏବେ ଆତଙ୍କବାଦ ପ୍ରତି ଭାରତର ନୀତି ହେଉଛି ଏହାର ଦୃଢ଼ ଜବାବ ଦେବା ।

**V/O**

## ଭଗତ ସିଂ ଆନିଭର୍ସାରୀ

ମହାନ ବିପ୍ଳବୀ ଶହୀଦ ଏ ଆଜମ ଭଗତସିଂଙ୍କ ଆଜି ୧୧୯ତମ ଜନ୍ମବାର୍ଷିକୀରେ ଦେଶ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ୧୯୦୭ ମସିହା ସେପ୍ଟେମ୍ବର ୨୮ ତାରିଖରେ ପଞ୍ଜାବର ଲୀଲାପୁର ଅନ୍ତର୍ଗତ ବଙ୍ଗା ଗ୍ରାମରେ ଭଗତ ସିଂ ଜନ୍ମଗ୍ରହଣ କରିଥିଲେ । ରାଜଗୁରୁଜୀ ଏବଂ ସୁଖଦେବଜୀଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ଭଗତ ସିଂ ପ୍ରାଣବଳୀ ଦେଇଥିଲେ । ଆଜି ଜନ୍ମବାର୍ଷିକୀ ଅବସରରେ ଲୁଧିଆନା କୃଷି ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

## ସେବା ସଙ୍କଳ୍ପ - ମିଶନ୍ ଲାଇଫ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ମିଶନ୍ ଲାଇଫ୍- ପରିବେଶ ପାଇଁ ଜୀବନଶୈଳୀ' ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

ଜଳବାୟୁ ପରିବର୍ତ୍ତନର ମୁକାବିଲା ନେଇ ହେଉଥିବା ଅନ୍ତର୍ଜାତୀୟ ଆଲୋଚନାରେ ସାଧାରଣତଃ ସରକାର ଓ ଶିଳ୍ପ ଜଗତର ଭୂମିକା ଉପରେ ଗୁରୁତ୍ୱ ଦିଆଯାଉଥିଲା। କିନ୍ତୁ ଜଣେ ବ୍ୟକ୍ତି ପ୍ରତିଦିନର ଜୀବନରେ କିପରି ବ୍ୟବହାର ଓ ଉପଭୋଗ କରୁଛନ୍ତି, ତାହା ଜଳବାୟୁ ସଂପର୍କିତ ଆଲୋଚନାରେ ପ୍ରମୁଖ ଭାବେ ସ୍ଥାନିତ ହେଉନଥିଲା । ୨୦୨୧ରେ ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ COP 26 ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମିଶନ୍ ଲାଇଫ୍- ପରିବେଶ ପାଇଁ ଜୀବନଶୈଳୀ' ପ୍ରସ୍ତାବ ରଖିଥିଲେ।

**V/O (Modi Mission Life)**

ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି—ଜଳବାୟୁ ସୁରକ୍ଷା ପାଇଁ କେବଳ ଉତ୍ପାଦନ ପ୍ରଣାଳୀରେ ପରିବର୍ତ୍ତନ ନୁହେଁ, ବରଂ ଆବଶ୍ୟକତା ଓ ଉପଭୋଗ ଅଭ୍ୟାସରେ ମଧ୍ୟ ପରିବର୍ତ୍ତନ ଆଣିବା ।

ଭାରତୀୟ ପରମ୍ପରାରେ ସଚେତନ ଉପଭୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ପରିବେଶ ଅନୁକୂଳ ଜୀବନଶୈଳୀକୁ ତ୍ୟାଗ ଭାବେ ନୁହେଁ, ବରଂ ଦାୟିତ୍ୱପୂର୍ଣ୍ଣ ଜୀବନର ଏକ ଅଂଶ ଭାବେ ମିଶନ୍ ଲାଇଫ୍‌ରେ ପ୍ରୋତ୍ସାହିତ କରାଯାଉଛି।

୨୦୨୩ର ଜି-୨୦ ନୂଆଦିଲ୍ଲୀ ଘୋଷଣାପତ୍ରରେ ମଧ୍ୟ ମିଶନ୍ ଲାଇଫ୍‌ର ଧାରଣାକୁ ସ୍ଥାନ ଦିଆଯାଇଥିଲା। ଏହା ମାଧ୍ୟମରେ ଜଳବାୟୁ କାର୍ଯ୍ୟକୁ କେବଳ

ସରକାର ଓ ଶିଳ୍ପ ସଂସ୍ଥାର ଦାୟିତ୍ୱ ମଧ୍ୟରେ ସୀମିତ ନରଖି, ବ୍ୟକ୍ତିବିଶେଷଙ୍କ ଦୈନନ୍ଦିନ ଜୀବନଶୈଳୀ ସହ ଯୋଡ଼ାଯାଇଛି।

ପୃଥିବୀ ମାତା ପ୍ରତି ସେବା ଓ ସଚେତନତାର ଭାବନା ସହ, ମିଶନ୍ ଲାଇଫ୍ ଲୋକଙ୍କୁ 'ସଚେତନ ଉପଭୋକ୍ତା' ହେବାକୁ ପ୍ରେରିତ କରୁଛି। ବିଦ୍ୟୁତ୍ ଓ ଜଳର ସଞ୍ଚୟ, ଅପଚୟ ହ୍ରାସ, ପୁନଃବ୍ୟବହାର ଏବଂ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବା ଭଳି ଛୋଟ ଛୋଟ ପଦକ୍ଷେପ ମିଳିତ ଭାବେ ବଡ଼ ପରିବର୍ତ୍ତନ ଆଣିପାରେ। ଅର୍ଥାତ୍, ଜଳବାୟୁ ସୁରକ୍ଷା ଆଉ କେବଳ ସରକାର କିମ୍ବା ଶିଳ୍ପର ବିଷୟ ନୁହେଁ-ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନଶୈଳୀ ମଧ୍ୟ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି ।

## ଇଣ୍ଡିଆ-ଆଫଗାନ ଆସିଷ୍ଟାନ୍ସ

ଭାରତ ମାନବୀୟ ସହାୟତା ସ୍ୱରୂପ ଆଫଗାନିସ୍ତାନସ୍ଥିତ କାବୁଲ୍ ସରକାରୀ ଡାକ୍ତରଖାନାକୁ ଅତ୍ୟାବଶ୍ୟକ ଜୀବନରକ୍ଷାକାରୀ ଔଷଧ ଓ ମେଡ଼ିକାଲ ଉପକରଣ ପ୍ରଦାନ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆଫଗାନ ଲୋକଙ୍କୁ ମାନବୀୟ ସହାୟତା ପ୍ରଦାନ କରିବା ସହ ଭାରତ ସେମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉଛି ।

## ନେପାଳ-ଲ୍ୟାଣ୍ଡସ୍ଲାଇଡ୍

ନେପାଳରେ ଗତ ୪ ଦିନ ଧରି ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ୨୧ ଜଣଙ୍କର ମୃତ୍ୟୁ ଘଟିଛି । ଏଥିରେ ୫ ଜଣ ନିଖୋଜ ଥିବା

ଜଣପାଡ଼ିଛି । ନେପାଳର  ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭୂସ୍ଖଳନ ଯୋଗୁଁ ୧୪ ଜଣଙ୍କ ମୃତ୍ୟୁ ହେବା ସହ ୫ ଜଣ ନିଖୋଜ ଅଛନ୍ତି । ବନ୍ୟାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ୩ ଜଣଙ୍କ ମୃତ୍ୟୁ ଘଟିଛି । ତେବେ ବିଭିନ୍ନ ସ୍ଥାନରେ ଅଟକି ରହିଥିବା ସ୍ଥାନୀୟ ଜନସାଧାରଣ ଓ ପର୍ଯ୍ୟଟକମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସମସ୍ତ ନାଗରିକଙ୍କ ପାଇଁ ଆୟୁଷ୍ମାନ ଭାରତ ଏବଂ ଡିଜିଟାଲ ସ୍ୱାସ୍ଥ୍ୟସେବା** ଶୀର୍ଷକ ଆଲୋଚନା ପ୍ରଚାର କରାଯିବ । ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷର କିରନ ଗୋପାଲ ବାସ୍କା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481  ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ମେନ୍ସ କ୍ରିକେଟ୍

ଆନ୍ତର୍ଜାତିକ ଦିନିକିଆ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୮ ଓ୍ୱିକେଟ୍‌ରେ ଓ୍ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି । ଗତକାଲି ଥିରୁଅନନ୍ତପୁରମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓ୍ୱେଷ୍ଟଇଣ୍ଡିଜ୍ ୫୦ ଓଭର୍‌ରେ ୭ ଓ୍ୱିକେଟ୍ ହରାଇ ୨୯୫ ରନ୍ ସ୍କୋର କରିଥିଲା । ୨୯୬ ରନ୍‌ର ପିଛା କରି ଭାରତ ୪୧ ଓଭର ୪ଟି ବଲ୍‌ରେ ୨ ଓ୍ୱିକେଟ୍ ବିନିମୟରେ ୩୦୦ ରନ୍ ସ୍କୋର୍ କରିଥିଲା । ବିରାଟ କୋହଲି ଓ ଶୁଭମନ୍ ଗିଲ୍ ଶତକ ହାସଲ କରିଥିଲେ । ଦିନିକିଆ କ୍ରିକେଟ୍‌ରେ ଏହା କୋହଲିଙ୍କ ୫୫ତମ ଶତକ ହୋଇଥିବା ବେଳେ ସଚିନ ତେନ୍ଦୁଲକରଙ୍କ ପରେ ସେ ଦିନିକିଆରେ ଦ୍ୱିତୀୟ ଖେଳାଳି ଭାବେ ୧୫ ହଜାର ରନ୍ ପୂରଣ କରିଥିଲେ ।